## ସବଡେଗା ଆର୍‌ଆଇ କାର୍ଯ୍ୟାଳୟ ବିପଦସଙ୍କୁଳ

● ନୂତନ କୋଠା ନିର୍ମାଣ ଦାବି



**ସୁନ୍ଦରଗଡ଼, ୬।୪(ସମିସ):** ସବଡେଗା ତହସିଲର ସବଡେଗା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବିପଦସଙ୍କୁଳ ହୋଇପଡ଼ିଛି। ତଥାପି ନୂତନ କୋଠା ନିର୍ମାଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏକଦା ଉକ୍ତ କାର୍ଯ୍ୟାଳୟରେ ନୂତନ ସବଡେଗା ତହସିଲ କାର୍ଯ୍ୟାଳୟ ଚାଲିଥିଲା। ରାଜ୍ୟ ସରକାର ପ୍ରତି ବ୍ଲକରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ନିଷ୍ପତ୍ତି ନେବା ପରେ ତତ୍କାଳୀନ ଜିଲ୍ଲାପାଳ ସୁରେଶ କୁମାର ବଶିଷ୍ଠ ୨୦୦୪ ସେପଟେମ୍ବର ୨୯ରେ ଏହାକୁ ନୂତନ ସବଡେଗା ତହସିଲ କାର୍ଯ୍ୟାଳୟ ଭାବେ ଉଦଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ନୂତନ କୋଠା ନିର୍ମାଣ ହେବା ପରେ ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇଥିଲା। ପରେ ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳର ଦୁରବସ୍ଥା ଆରମ୍ଭ ହୋଇଥିଲା। ବହୁ ପୁରୁଣା ଏହି କାର୍ଯ୍ୟାଳୟର ଆଜବେଷ୍ଟସ ଛାଉଣି ରହିଛି। ଆଜବେଷ୍ଟସ ତଳେ ଲୁହା ଏଙ୍ଗଲ ଲଗା ନ ଯାଇ କାଠ ବ୍ୟବହୃତ ହୋଇଛି। ଫଳରେ ଏହି କାଠରେ ଉଈ ଲାଗିଗଲାଣି। ଉଈ ମାଟି ସବୁ ଖସିପଡୁଛି। କେତେବେଳେ ଯେ ଏହା ଭାଙ୍ଗିପଡ଼ିବ, କହିହେବ ନାହିଁ। କାନ୍ଥ ମଧ୍ୟ ଫାଟି ଆଁ କଲାଣି। ଫଳରେ ପ୍ରତି ମୁହୂର୍ତ୍ତରେ ବିପଦର ସମ୍ଭାବନା ରହିଛି। ତଥାପି ନା ହେଉଛି ମରାମତି, ନା ହେଉଛି ନୂତନ ଅଫିସ କୋଠା ନିର୍ମାଣ। କୌଣସି ଅଘଟଣ ପୂର୍ବରୁ ନୂତନ କୋଠା ନିର୍ମାଣ କରାଯାଇ ଏହାକୁ ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ତଥାପି ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସବଡେଗା ତହସିଲର କିରାଲଗା, ହମିରପୁର ଓ କରମଡିହିଠାରେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇଛି। ମାତ୍ର ତହସିଲ ମୁଖ୍ୟାଳୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳର ଏପରି ଦୟନୀୟ ଅବସ୍ଥା ଉଦବେଗର କାରଣ ସାଜିଛି।

# ବିଧାୟକ ଭାବେ ଉତ୍ତରଦାୟିତ୍ୱ ପାଇଁ ମତାମତ ଲୋଡ଼ିଲେ ଯୋଗେଶ

ସୁନ୍ଦରଗଡ଼, ୬।୪(ସମିସ)

ବିଜେଡିର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ଯୋଗେଶ କୁମାର ସିଂହ ଶନିବାର ସୁନ୍ଦରଗଡ଼ ସହରରେ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ସେ ପ୍ରଥମେ ଦଳୀୟ କର୍ମୀ, ଶୁଭେଚ୍ଛୁ ଓ ସହଯୋଗୀଙ୍କ ଗହଣରେ ସ୍ଥାନୀୟ ରାଜବାଟୀସ୍ଥିତ ମା' ସମଲେଇ ମନ୍ଦିର ଓ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଗ୍ରହଣ

### ସୁନ୍ଦରଗଡ଼ ସହରରେ ନିର୍ବାଚନ ପ୍ରଚାର



କରିଥିଲେ। ପୂଜାର୍ଚ୍ଚନା ସାରି ମନ୍ଦିରରୁ ବାହାରିବା ପରେ ଶହ ଶହ ଦଳୀୟ କର୍ମୀ, ମହିଳା, ଶୁଭେଚ୍ଛୁ ତାଙ୍କୁ ଆଗାମୀ ନିର୍ବାଚନ ପାଇଁ ଶୁଭକାମନା ଜଣାଇବା ସହ ଆଶୀର୍ବାଦ ଦେଇଥିଲେ। ସହରର ବିଭିନ୍ନ କୋଣ ଅନୁକୋଣରୁ ପହଞ୍ଚିଥିବା ଜନସାଧାରଣଙ୍କୁ ସେ ବ୍ୟକ୍ତିଗତ ଭାବେ ଭେଟିଥିବା ବେଳେ ଜନସାଧାରଣଙ୍କ ଭାବାବେଗ ଦେଖି ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏପରି ଭାବାବେଗ ପାଇଁ ଉପସ୍ଥିତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ନିର୍ବାଚନ ବୈତରଣୀ ପାରି ହେବା ପାଇଁ ସେ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ। ସେ ବିଜୟୀ ହେଲେ ବିଧାୟକ ଭାବେ ସୁନ୍ଦରଗଡ଼ ପ୍ରତି ତାଙ୍କ ଉତ୍ତରଦାୟିତ୍ୱ କ'ଣ ରହିବ ସେ ନେଇ ମତାମତ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଉପସ୍ଥିତ ବହୁ ଲୋକେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଯୋଗେଶଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦଳୀୟ କର୍ମୀଙ୍କ ଜୟଘୋଷରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ରାଜ୍ୟ ଟିଡିସିସି ଅଧ୍ୟକ୍ଷା ଚମେଲି ଓରାମ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, କାଉନସିଲର ଚିରସ୍ମିତା ଯୋଷୀ, ସୁମନ୍ତ ସାହୁ, ଅନିଲ ମହାପାତ୍ର, ଦୁଶିଳା ଦଣ୍ଡସେନା, କୈଳାସ ତନ୍ତୀ, ଆଝାର ହୁସେନ, ହେମନ୍ତ ପାଢ଼ୀ, ରଜନୀ ରୋହିଦାସ, ପୂର୍ବତନ କାଉନସିଲର ଡା. ହିମାଂଶୁ ଷଡ଼ଙ୍ଗୀ, ବରିଷ୍ଠ ବିଜେଡି ନେତା ସୌମେନ ବାରିକ, ଜଗଦୀଶ ପ୍ରତାପ ଦେଓ, ଜାହିର ହୁସେନ, ଗୋପ ମହାନ୍ତି, ନିର୍ମଳ ବୋଷ, ସୁନୀଲ ମହାପାତ୍ର, ପଞ୍ଚା ବାର୍ଲା, ଆଶିଷ ତ୍ରିପାଠୀ, ବୀଣା ସାହୁ, ବୈକୁଣ୍ଠ ବଞ୍ଚୋର, ନିଲୁ ପଟେଲ, ଅବନୀ ମିଶ୍ର, ଅମିତାଭ ଯୋଷୀ, କୁନା ପୁରୋହିତ, ଆଶିଷ ପଶାୟତ, ଏମଡି କଲିମ, ଜିଲ୍ଲା ଛାତ୍ର ସଭାପତି ଶାହାବାଜ ହୁସେନ, ଜିଲ୍ଲା ଛାତ୍ର ଉପସଭାପତି ଅନିରୁଦ୍ଧ ସାହୁ, ଋତୁରାଜ ପୁରୋହିତ, ଜାଗ୍ରତ ଯୋଷୀ, ଅମନ ହୁସେନ, ରାଜା ହୋତା, ନିଖିଲ ସାହୁ, ସୁଧାଂଶୁ ଦାସ, ବିକାଶ ରାଉତରାୟ, ବିଶ୍ୱ ରାଉତ, ସୁଶାନ୍ତ ଦେବ, ନରଦୀପ ସିଂ, ତ୍ରିଲୋଚନ କୋକ, ଦୀନେଶ ଠାକୁର, ମେହତାବ ଶେଖ, ସୌମ୍ୟ ସାହୁ, ଜିତୁ ଶେଖର ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବାଦଦାତାଙ୍କୁ ହତ୍ୟା ଧମକ

ସୁନ୍ଦରଗଡ଼, ୬।୪(ସମିସ): ଧରୁଆଡିହି ଥାନା ଅଞ୍ଚଳର ସମ୍ବାଦଦାତା ନୟନ ଶେଖରଦେଓଙ୍କୁ ହତ୍ୟା ଧମକ ଦିଆଯାଇଛି। ଏ ନେଇ ନୟନ ଥାନାରେ ଏତଲା ଦେବା ପରେ ପୁଲିସ ସାଲେପାଲି ଗ୍ରାମର ସୁଜିତ ପଟେଲଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନୟନ ଏକ ୱେବ୍ ପୋର୍ଟାଲର ସମ୍ବାଦଦାତା ଅଛନ୍ତି। କୁମୁଟିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି କାରଣକୁ ନେଇ ରୋଗୀ ଓ ଡାକ୍ତରଖାନା କର୍ମକର୍ତ୍ତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଖବର ପାଇ ନୟନ ଡାକ୍ତରଖାନାରେ ପହଞ୍ଚି ଡାକ୍ତର ରୋହିତ କୁମାର ନାଏକଙ୍କ ପ୍ରତିକ୍ରିୟା ନେବାକୁ ଚାହିଁଥିଲେ। ମାତ୍ର ଡାକ୍ତର ପ୍ରତିକ୍ରିୟା ଦେବାକୁ ମନା କରିବାରୁ ନୟନ ଓ ଡାକ୍ତରଙ୍କ ମଧ୍ୟରେ ଉଚ୍ଚବାଚ୍ଚ ହୋଇଥିଲା। ଏହି ଘଟଣାକୁ ନେଇ ସାଲେପାଲି ଗ୍ରାମର ସୁଜିତ ସା ନୟନଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ବାରମ୍ବାର ନୟନଙ୍କ ହସ୍ତକ୍ଷେପ ଯୋଗୁଁ ଡାକ୍ତରଖାନାରେ ଜଣେ ଆୟୁଷ ଡାକ୍ତର ବଦଳି ହୋଇ ଅନ୍ୟତ୍ର ଚାଲିଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

## କୋଇଲା ଗାଡ଼ି ଦୁର୍ଘଟଣା; ଚାଳକ ଆହତ



**ହେମଗିରି, ୬।୪(ସମିସ):** ହେମଗିରି କନିକା ରେଲୱେ ସାଇଡିଂ ରାସ୍ତାରେ ଆର୍ଯ୍ୟନ କୋଲ୍ ୱାସିରି ଗେଟ୍ ସାମନାରେ କୋଇଲା ପରିବହନ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଡୁରୁବଗା ଗ୍ରାମର ମିତ୍ରଭାନୁ ଜୟପୁରିଆ (୩୨) ଆହତ ହୋଇଛନ୍ତି। ଏମ୍‌ଏସ୍‌ପିଏଲ କମ୍ପାନୀର ଏକ କୋଇଲା ବୋଝେଇ ଗାଡ଼ି ଖରାପ ହୋଇ ରାସ୍ତାରେ ଠିଆ ହୋଇଥିବା ବେଳେ ମିତ୍ରଭାନୁଙ୍କ ଗାଡ଼ି ତା' ପଛପଟେ ଧକ୍କାହୋଇଥିଲା। ଗାଡ଼ି ସମ୍ମୁଖ ଭାଗ ଦବିଯାଇ ମିତ୍ରଭାନୁଙ୍କ ଗୋଡ଼ ଓ ପେଟ ଚାପି ହୋଇଯାଇଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ହେମଗିରି ଡାକ୍ତରଖାନା ଆଣି ଚିକିତ୍ସା କରାଯାଉଛି। ରାସ୍ତାରେ କୋଇଲା ପଡ଼ିବା ତଥା ଗୁଣ୍ଡ ହୋଇ ଧୂଳି ଉଡ଼ିବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଏମ୍‌ସିଏଲ ଓ ପରିବହନ କମ୍ପାନୀମାନଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।

## ଶୁଖା ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କଲେ ବିଧାୟକ ପ୍ରାର୍ଥୀ

**ବାଲିଶଙ୍କରା, ୬।୪(ସମିସ):** ତଳସରା ନିର୍ବାଚନ ମଣ୍ଡଳୀର ଓଡ଼ିଶା ପ୍ରଗତି ଦଳ ବିଧାୟକ ପ୍ରାର୍ଥୀ ଦାମୋଦର ଭିତ୍ରିଆ ଶୁଖା ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରି ନିଜ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ସମର୍ଥକଙ୍କ ଗହଣରେ ସଂକୀର୍ତ୍ତନ ମଣ୍ଡଳୀ ସହ ଆସି ସେ ଶୁଖା ମହାଦେବଙ୍କ ମନ୍ଦିରରେ ପହଞ୍ଚିଥିଲେ।



ସେଠାରେ ପୂଜାର୍ଚ୍ଚନା କରିଥିଲେ। ସେ ନିର୍ବାଚିତ ହେଲେ ଏହି ମନ୍ଦିରର ସମସ୍ତ ଅସୁବିଧାକୁ ଦୂର କରିବା ସହ ଅଞ୍ଚଳର ଜନସାଧାରଣଙ୍କ ଅସୁବିଧା ମଧ୍ୟ ଦୂର କରିବେ ବୋଲି ଏହି ଅବସରରେ ସେ ଶପଥ ନେଇଥିଲେ। ତାଙ୍କ ସହ ନାରାୟଣ ତନ୍ତୀ, ତ୍ରିନାଥ ପ୍ରଧାନ, ଶରତ କୁମାର ଭିତ୍ରିଆ, ସରୋଜ ଭିତ୍ରିଆ, ସନ୍ତୋଷ ଖଡ଼ିଆ ଓ ବନ୍ଧବାହାଲ ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ଥିଲେ।

## ମାଲିକଙ୍କୁ ଅପହରଣ କରି ମାଡ଼, ୪ ଗିରଫ

ରାଉରକେଲା, ୬।୪(ସମିସ): ଜମି କିଣାବିକାକୁ ନେଇ ଜମି ମାଲିକଙ୍କୁ ଅପହରଣ କରି ମାଡ଼ ମାରିବା ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗରପାଲି ଥାନା ବ୍ରିଟାନିଆ କଲୋନୀର ଶିବଚରଣ ବିନ୍ଧାଣି

● ଜମି କିଣାବିକା ମାମଲା

ଓରଫ ଭୀମ (୨୮), ଶ୍ରୀପତି ନାଗେଶ୍ୱର ରାଓ ଓରଫ ଅଞ୍ଜୁଲ (୩୫), ଲାଠିକଟା ଥାନା ସୁଇଡିହିର ସଞ୍ଜୟ ସାହୁ (୪୬) ଓ ରଘୁନାଥପାଲି ଥାନା ଉପର ବାଲିଯୋଡ଼ିର ଅଜିତ କୁମାର ସ୍ୱାଇଁ ଓରଫ ଧନିଆ (୪୪)। ପୁଲିସ ସୂଚନା ମୁତାବକ, ଫର୍ଟିଲାଇଜରସ୍ଥିତ ନାରାୟଣ ମାର୍କେଟରେ ସୁଶୀଲ ଡୁଙ୍ଗଡୁଙ୍ଗ ରୁହନ୍ତି। ତାଙ୍କର ଜଲଦାଠାରେ ଏକ ଜମି ଅଛି। ଉକ୍ତ ଜମିକୁ କିଣିବା ପାଇଁ ଅଭିଯୁକ୍ତ ଶି, ଶ୍ରୀପତି, ସଞ୍ଜୟ ଓ ଅଜିତ ଗତ ନଭେମ୍ବରରେ ସୁଶୀଲଙ୍କ ସହ ୧ କୋଟି ଟଙ୍କାରେ ଡିଲ୍ କରିଥିଲେ। ଏନେଇ ସେମାନେ ସୁଶୀଲଙ୍କୁ ଅଗ୍ରୀମ ୧୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ପରେ ସୁଶୀଲ ଉକ୍ତ ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଧିକ ଟଙ୍କାରେ ବିକ୍ରି କରିଦେଇଥିଲେ। ଏହା ଜାଣିବା ପରେ ଅଭିଯୁକ୍ତମାନେ ଗତ ୪ ତାରିଖ ସୁଶୀଲଙ୍କୁ ସୁଇଡିହସ୍ଥିତ କଟିନ ଛକରୁ କାରରେ ଅପହରଣ କରିନେଇଥିଲେ। ସେଠାରେ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ପରେ ସେମାନେ ସେଠାରୁ ସୁଶୀଲଙ୍କୁ ନେଇ ଅସୁରଛପଲ୍ ଖାଦାନ ନିକଟକୁ ଯାଇଥିଲେ। ଅଗ୍ରୀମ ଦେଇଥିବା ୧୦ ଲକ୍ଷ ଟଙ୍କା ଫେରସ୍ତ କରିବା ସହ ଆଉ ୭ ଲକ୍ଷ ଟଙ୍କାର ଚେକ ଦେବାକୁ କହି ସୁଶୀଲଙ୍କୁ ସେମାନେ ନିସ୍ତୁକ ମାଡ଼ ମାରିଥିଲେ। ସୁଶୀଲ ଘରକୁ ଯାଇ ଚେକ୍ ଆଣି ସବୁ ଟଙ୍କା ଦେବେ ବୋଲି କହିବାରୁ ସେମାନେ ତାଙ୍କୁ ଛାଡ଼ିଦେଇଥିଲେ। ଏନେଇ ସୁଶୀଲ ରଘୁନାଥପାଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ଶନିବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

● ବର୍ତ୍ତନକେଲା ୟୁପି ସ୍କୁଲର ବାର୍ଷିକ ଉତ୍ସବ

## 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଗୁରୁଙ୍କ ଉପଦେଶ ଗ୍ରହଣ କରିବାକୁ ହେବ'





ସୁନ୍ଦରଗଡ଼, ୬।୪(ସମିସ): ଟାଙ୍ଗରପାଲି ବ୍ଲକ ବର୍ତ୍ତନକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସମାରୋହରେ ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲରେ ବାର୍ଷିକ ଉତ୍ସବ ପାଳନ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷକ ଡୁଲେଶ୍ୱର ନାଏକ ଯୋଗଦେଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ହେଲେ ଗୁରୁଙ୍କ ଉପଦେଶ ଗ୍ରହଣ କରିବାକୁ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୁଣନିଧି ମୁଣ୍ଡା, ପୂର୍ବତନ ସମିତି ସଭ୍ୟ ବିଶମ୍ବର ମହାନନ୍ଦିଆ, ସିଆରସିସି ନନ୍ଦିତା ପଟେଲ, ମଦନ ମୋହନ ପଟେଲ, ସୁନ୍ଦରମଣି ପଟେଲ, ବୁଦ୍ଧଦେବ ପଟେଲ, ମନଭୁଲା ପୃଷେଠ, କ୍ଷମାଶୀଳ ପଟେଲ, ବିପିନ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ପଟେଲ ଏଥିରେ ସଭାପତିତ୍ୱ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ପଟେଲ ଓ ଅଞ୍ଜନ ପଟେଲ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ମିତା ପଟେଲ, କୁନକ ଗର୍ଡ଼ିଆ, ସନ୍ଧ୍ୟାରାଣୀ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଚିକିତ୍ସା ଶିବିର

ସୁନ୍ଦରଗଡ଼, ୬।୪(ସମିସ) ସ୍ଥାନୀୟ ବୀରମିତ୍ର ପାର୍କସ୍ଥିତ ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘ ପରିସରରେ ସୁନ୍ଦରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଦାତବ୍ୟ ଚିକିତ୍ସା ଶିବିର ଶନିବାର ଆୟୋଜିତ ହୋଇଛି। ଏଥିରେ ସଂଘ ସଭାପତି ଏବଂ ବହୁ ସଂଖ୍ୟକ ସଦସ୍ୟମାନେ ନିଜ ଉଚ୍ଚତା, ଓଜନ, ରକ୍ତଚାପ, ରକ୍ତ ଶର୍କରା, ହିମୋଗ୍ଲୋବିନ ଆଦି ପରୀକ୍ଷା କରାଇଥିଲେ। ଡା. ଶାଶ୍ୱତୀ ନାଏକ ଓ ଦନ୍ତ ଚିକିତ୍ସକ ଡା. ଚନ୍ଦ୍ରକାନ୍ତ ପଟେଲଙ୍କ ସମେତ ଡାକ୍ତରୀ ଟିମ୍ ପରୀକ୍ଷା ନିରୀକ୍ଷା କରି ସରକାରୀ ଔଷଧ ପ୍ରଦାନ କରିଥିଲେ। ଇଚ୍ଛୁକ ବରିଷ୍ଠ ନାଗରିକମାନେ ସ୍ଥାନୀୟ ମହେଶଡିହିସ୍ଥିତ ସହରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଯାଇ ସେଠାକାର ପ୍ରୟୋଗଶାଳା ସହାୟକଙ୍କ ଦ୍ୱାରା ଅନ୍ୟାନ୍ୟ ପରୀକ୍ଷାଗୁଡ଼ିକ କରାଇବାକୁ ପରାମର୍ଶ ଦିଆଯାଇଛି। ତପସ୍ୱିନୀ ସା, ସୁଜାତା ପଟେଲ, ଗୁଣ୍ଡି ଘାସି, ସଞ୍ଜୟ ନାୟକ, ତ୍ରିବିକ୍ରମ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ସୁନ୍ଦରଗଡ଼ର ୬ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷିତ: ରଘୁନାଥପାଲୀରେ ଛିଣ୍ଡୁନି ଅଙ୍କ

# ସୁବ୍ରତ, ପ୍ରଶାନ୍ତ ଓ ପ୍ରଫୁଲ୍ଲଙ୍କ ନାଁକୁ ନେଇ ଚର୍ଚ୍ଚା ଜୋରଦାର

ରାଉରକେଲା, ୬।୪(ସମିସ)



ସୁନ୍ଦରଗଡ଼ ଲୋକସଭା ଆସନ ଅଧୀନ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୬ଟିରେ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ମାତ୍ର ଜିଲ୍ଲାର ଅନ୍ୟତମ ସମ୍ବେଦନଶୀଳ ବିଧାନସଭା କ୍ଷେତ୍ର ରଘୁନାଥପାଲୀରେ ଏପର୍ଯ୍ୟନ୍ତ ଅଙ୍କକଷା ଛିଣ୍ଡୁନି। ଫଳରେ ଏହି କ୍ଷେତ୍ରର ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଥିବା ବେଳେ ରାଜନୀତିରେ କିଛି ବି ସମ୍ଭବ ହୋଇଥିବାରୁ ଆଶାୟୀଙ୍କ ମଧ୍ୟରେ ମଧ୍ୟ ଆଶା ଓ ଆଶଙ୍କା ପ୍ରକାଶ ପାଇଛି। ତେବେ ସେହି ଭାଗ୍ୟଶାଳୀ ପ୍ରାର୍ଥୀ ସୁବ୍ରତ ତରାଇ, ପ୍ରଶାନ୍ତ ସେଠୀ ନା ପ୍ରଫୁଲ ସୁନ୍ୟାନୀ ତାକୁ ନେଇ ହାଟ ବଜାରରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି।

ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଦୌଡ଼ରେ ସର୍ବାଗ୍ରେ ରହିଛି ୩ ଥର ବିଜେଡିରୁ ଲଗାତର ବିଧାୟକ ହୋଇଥିବା ସୁବ୍ରତ ତରାଇଙ୍କ ନାମ। ସୁବ୍ରତ ୪ର୍ଥ ଥର ପାଇଁ ଦଳ ସୁପ୍ରିମୋଙ୍କ ଭରସା ଜିତିବା ପାଇଁ ଭୁବନେଶ୍ୱରରେ ଡେରା ପକାଇ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ସେ ୨୦୨୯ ନିର୍ବାଚନରେ ୪୪, ୮୧୫ ଭୋଟ ପାଇ ବିଜେପି ପ୍ରାର୍ଥୀ ଜଗବନ୍ଧୁ ବେହେରାଙ୍କୁ ୪, ୬୮୪ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ସେତେବେଳେ ଜଗବନ୍ଧୁ ୪୦, ୧୩୧ ଭୋଟ ପାଇଥିଲେ। ଅନ୍ୟପଟେ ରାଉରକେଲା ବିଧାୟକ ତଥା ବରିଷ୍ଠ ବିଜେଡି ନେତା ସାରଦା ପ୍ରସାଦ ନାୟକଙ୍କ ପରମ ଅନୁଗତ ପ୍ରଶାନ୍ତ ସେଠୀ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଇ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରୁ ପ୍ରଥମ କରି ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇ ୨୦, ୦୨୬ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ସର୍ବାଧିକ ୪୯, ୦୭୪ ଭୋଟ ପାଇ ବିଜୟୀ ହୋଇଥିବାବେଳେ ବିଜେପି ପ୍ରାର୍ଥୀ ଜଗବନ୍ଧୁ ବେହେରା ୩୩, ୦୩୩ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ଗଜେନ୍ଦ୍ର ତନ୍ତୀ ୧୪, ୫୬୬ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ୩୫, ୦୨୩ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ସୁନ୍ୟାନୀଙ୍କୁ ୧୮, ୧୭୧ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ପ୍ରଫୁଲ୍ଲ ୧୬, ୮୫୨ ଭୋଟ ପାଇଥିବାବେଳେ ବିଜେପି ପ୍ରାର୍ଥୀ ସନ୍ତୋଷ କୁମାର ବେହେରା ୧୧, ୩୯୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ଏହି ଆସନରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପ୍ରାର୍ଥୀ ହାଲୁ ମୁଣ୍ଡାରୀ ବିଜୟୀ ହୋଇଥିଲେ।

୧୯୮୦ ବିଧାନସଭା ନିର୍ବାଚନରେ ରଘୁନାଥପାଲୀ ଆସନରୁ କଂଗ୍ରେସ ପ୍ରାର୍ଥୀ ନେଲସନ ସୋରେଙ୍ଗ ଏବଂ ୧୯୮୫ରେ ଫ୍ରିଡା ଟପ୍ପୋ ବିଜୟୀ ହୋଇଥିଲେ। ପରେ ୧୯୯୦, ୧୯୯୫ ଏବଂ ୨୦୦୪ ନିର୍ବାଚନରେ କଂଗ୍ରେସ ହାତରୁ ଏହି ଆସନ ଚାଲିଯାଇଥିଲା। ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ସୁନ୍ୟାନୀ ପ୍ରାର୍ଥୀ ହେବା ପରେ କଂଗ୍ରେସ ଏଠାରେ ଉଜ୍ଜୀବିତ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ସୁତରାଂ ପ୍ରଫୁଲ୍ଲଙ୍କ ଲୋକପ୍ରିୟତା କିଛି କମ୍ ନ ଥିଲା। ଏବେ ପ୍ରଫୁଲ୍ଲ କଂଗ୍ରେସ ପରିତ୍ୟାଗ କରି ବିଜେଡିରେ ଯୋଗଦେବା ସହ ଟିକଟ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ୨୦୧୯ ନିର୍ବାଚନରେ ସୁବ୍ରତ ତରାଇ ବିଧାୟକ ହେବା ପରେ ଜନସାଧାରଣଙ୍କଠାରୁ ଦୂରରେ ରହୁଥିବା ଅଭିଯୋଗ ହେଉଥିବା ବେଳେ ଏହାର ଫାଇଦା ନେବାକୁ ପ୍ରଫୁଲ୍ଲ ଲାଗିପଡ଼ିଛନ୍ତି।

ଅପରପକ୍ଷେ ଖୁବ୍ କମ୍ ଦିନ ଭିତରେ ଲୋକପ୍ରିୟତା ହାସଲ କରିଥିବା ଯୁବନେତା ପ୍ରଶାନ୍ତ ସେଠୀ ୨୦୧୯ ନିର୍ବାଚନରେ ପରାଜିତ ହେବା ପରେ ବି 'ଆସ ବସ୍ତିକୁ ଯିବା', 'ଜନନୀ ସମ୍ପର୍କ ଯାତ୍ରା', 'ଜୀବନଧାରା ରକ୍ତଦାନ ଶିବିର', 'ଭୂମି ପ୍ରଣାମ' ଆଦି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସହ ଯୋଡ଼ିହୋଇ ରହିଛନ୍ତି। ସେ ଇତିମଧ୍ୟରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ ମଧ୍ୟ ବିଜେଡିରେ ଯୋଗଦାନ କରିନାହାନ୍ତି। ଏବେ ସେ ମଧ୍ୟ ରାଜଧାନୀରେ ଡେରା ପକାଇ ବିଜେଡି ଟିକଟ ନେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଅପରପକ୍ଷେ ଗତ ନିର୍ବାଚନରେ ପରାଜିତ ହେବା ପରେ ବିଜେପି ନେତା ଜଗବନ୍ଧୁ ବେହେରାଙ୍କୁ ଦଳ ଏଥର ଟିକଟ ନ ଦେବାରୁ ସେ ମଧ୍ୟ ବିଜେଡି ଟିକଟ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ରାଉରକେଲା ଫେରି ଆସିଥିବା ସୂଚନା ମିଳିଛି। ତେଣୁ ଯଦି ସୁବ୍ରତଙ୍କ ଟିକଟ କଟିବ ତେବେ କାହା ମୁଣ୍ଡରେ ବିଜେଡି ସୁପ୍ରିମୋ ସୁନାକଳସ ଢାଳିବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ବିଜେପି ପ୍ରତିଷ୍ଠା ଦିବସ ପାଳିତ

**ସୁନ୍ଦରଗଡ଼, ୬।୪(ସମିସ):** ବିଜେପିର ୪୫ତମ ପ୍ରତିଷ୍ଠା ଦିବସ ଶନିବାର ସୁନ୍ଦରଗଡ଼ ସାଙ୍ଗନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ପ୍ରଥମେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ବଟକିଶୋର ମିଶ୍ର, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ବିକାଶ ନାଏକ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଯଶବନ୍ତ ନାଏକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅତିଥିମାନେ ପୁରୁଖା କାର୍ଯ୍ୟକର୍ତ୍ତା ଭେଷଜ ରଥ, ସତ୍ୟବାନ ସା, ଜଗବନ୍ଧୁ ଭୋଇ, ତପନ ପଟେଲ, ଭଗବାନ ପଟେଲ ଓ ରାମକିଶୋର ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତ ଧନ୍ୟବାଦ ଦେଇଥିଲେ।

# ନିର୍ବାଚନ ପୂର୍ବରୁ ବୀରମିତ୍ରପୁରରେ ପୁଲିସର ଫ୍ଲାଗମାର୍ଚ୍ଚ



**ରାଉରକେଲା, ୬ ।୪(ସମିସ):** ନିର୍ବାଚନ ପୂର୍ବରୁ କଡ଼ା ସୁରକ୍ଷା ତଥା ଅବାଧ, ମୁକ୍ତ ଓ ଭୟରହିତ ନିର୍ବାଚନ ପାଇଁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବୀରମିତ୍ରପୁରରେ ଶନିବାର ସନ୍ଧ୍ୟାରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ବନ୍ଧୁକଧାରୀ ସିଆରପିଏଫ ଯବାନ ଫ୍ଲାଗମାର୍ଚ୍ଚ କରି ଲୋକଙ୍କ ଭିତରେ ପୁଲିସ ପ୍ରତି ବିଶ୍ୱାସ ଓ ଭରସା ସୃଷ୍ଟି କରିଥିଲେ । ଏସଡିପିଓ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ତଥା ବୀରମିତ୍ରପୁର ଥାନା ଅଧିକାରୀଙ୍କ ସହଯୋଗରେ ବାହାରିଥିବା ଏହି ଫ୍ଲାଗମାର୍ଚ୍ଚ ସମଗ୍ର ବୀରମିତ୍ରପୁର ପୌରାଞ୍ଚଳ ପରିକ୍ରମା କରିଥିଲା । ଏହି ଅବସରରେ ଏସଡିପିଓ ଦାସ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ସର୍ବସାଧାରଣରେ ଆତଙ୍କ ନ ଖେଳେଇବା, ଆଇନକୁ ହାତକୁ ନେଇ ବିଶୃଙ୍ଖଳା ସୃଷ୍ଟି ନ କରିବା, ରାଜନୈତିକ କାର୍ଯ୍ୟକ୍ରମ ଓ ରାଲି ବା ରୋଡ୍ ସୋ' ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେହି ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ଅଞ୍ଚଳବାସୀ କିପରି ନିର୍ଭୟରେ ମତଦାନ କରିପାରିବେ ତାକୁ ନେଇ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ସେ କହିଛନ୍ତି ।

# ନିମ୍ନମାନର ରାସ୍ତା ମରାମତି; ଗ୍ରାମବାସୀଙ୍କ ବିରୋଧ

ଲହୁଣୀପଡ଼ା, ୬ ।୪(ସମିସ)

ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ନୂଆପଡ଼ା ଗ୍ରାମରେ ପ୍ରଧାନମନ୍ତ୍ରୀ (ପିଚୁ) ରାସ୍ତା ମରାମତି କାମ ଅତି ନିମ୍ନମାନର ହେଉଥିବାରୁ ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି । ଫଳରେ ଅଧାରୁ କାମ ବନ୍ଦ ରହିଛି । କଲେଇପୋଷ ସ୍କୁଲ ଛକରୁ ନୂଆପଡ଼ା ଲେମଡିହି ସାହି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ମରାମତି କାମ ଠିକାଦାର ଆରମ୍ଭ କରିଥିଲେ । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗତ ଗୁରୁବାର ଅପରାହ୍ନ ୪ଟାରେ ଠିକାଦାର ରାସ୍ତା ମରାମତି ପାଇଁ ଆସିଥିଲେ । ଏହା ପୂର୍ବରୁ ରାସ୍ତାକୁ ସଫା କରାଯାଇ ନ ଥିଲା କି ରାସ୍ତା ଉପରେ ଭଲ ଭାବରେ ପ୍ରାଇମର ମଧ୍ୟ ପକାଯାଇନାହିଁ । ନିୟମ ଅନୁସାରେ ପ୍ରଥମେ ରାସ୍ତାକୁ ଭଲ ଭାବରେ ସଫା କରାଯିବା କଥା । ଏହା ପରେ ରାସ୍ତାରେ ମେଟାଲ ଉଠିଯାଇ ସୃଷ୍ଟି ହୋଇଥିବା ଗାଡ଼କୁ ମେଟାଲ ପକାଇ ସମତୁଲ କରାଯାଇ ରାସ୍ତା ଉପରୁ ଭଲ ଭାବରେ ଧୂଳି ସଫା କରାଯିବା କଥା । ପରେ ରାସ୍ତା ଉପରେ ପ୍ରାଇମର ପକାଯାଇ ତା' ଉପରେ ତରଳ ପିଚୁ ଢାଳିବା କଥା । ଏହା ପରେ ପିଚୁ ମିଶ୍ରିତ ବଜରି ଢଳାଯାଇ ରୋଲିଂ କରି ସମତୁଲ କରାଯିବା କଥା । କିନ୍ତୁ ଠିକାଦାରଙ୍କ ପକ୍ଷରୁ ଏଗୁଡ଼ିକୁ ଅଣଦେଖା କରାଯାଇ ପିଚୁ ରାସ୍ତା ମରାମତି କାମ କରାଯାଇଥିଲା । ପରଦିନ ଗ୍ରାମକୁ କାମ କରିବା ପାଇଁ ଠିକାଦାର ଆସିଥିବା ବେଳେ ଗ୍ରାମବାସୀ ପ୍ରଥମେ ତିଆରି ହୋଇଥିବା ରାସ୍ତାକୁ ପ୍ରଥମେ ଭଲ ଭାବରେ ମରାମତି କରି ଆଗକୁ କାମ ବଢ଼ାଇବାକୁ କହିଥିଲେ । ମାତ୍ର ଠିକାଦାର ସେଭଳି ନ କରି ପ୍ରଥମେ ବାକିଆ କାମ ସାରିଲା ପରେ ଭୁଲ ହୋଇଥିବା କାମକୁ ପୁଣି ମରାମତି କରାଯିବ ବୋଲି କହିଥିଲେ । ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ । ଫଳରେ ରାସ୍ତା ମରାମତି କାମ ବନ୍ଦ ରହିଛି ।



ଅଧାରୁ କାମ ବନ୍ଦ

ଏନଆଇଟି ରାଉରକେଲାରେ ସେଲିବ୍ରିଟି ନାଇଟ୍

# ଅମିତ ତ୍ରିବେଦୀଙ୍କ ଗୀତରେ ଝୁମିଲା ଏନଆଇଟି ପରିସର

ରାଉରକେଲା, ୬ ।୪(ସମିସ)

ରାଉରକେଲା ଏନଆଇଟିର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି) ପକ୍ଷରୁ ଶନିବାର ଅନୁଷ୍ଠାନର ଦିଲୀପ ତିର୍କୀ ଷ୍ଟାଡିୟମ୍‌ରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ଅଭିନେତା ଅମିତ ତ୍ରିବେଦୀଙ୍କ ନାଇଟ୍ ଶୋ' ଆୟୋଜିତ ହୋଇଥିଲା । ତାଙ୍କ ସୁମଧୁର କଣ୍ଠରେ ଆଧୁନିକ ହିନ୍ଦୀ ଚଳଚ୍ଚିତ୍ରର ବହୁ ହିଟ୍ ଗୀତରେ ଦର୍ଶକମାନେ ଝୁମିଥିଲେ । 'ଲଭ୍ ୟୁ ଜିନ୍ଦେଗୀ', 'ନମୋ ନମୋ ଜୀ ଶଙ୍କର', 'ନୈନା ଦା କ୍ୟା କସୁର', 'ଇକତାରା', 'ମିଠି ବୋଲିଆଁ', 'ଲଣ୍ଡନ ଠମକଦା', 'ସୱାର୍ ଲୁନ୍', 'ଗାଲ ମିଠି ମିଠି ବୋଲ୍' ଆଦି ହିଟ୍ ଗୀତରେ ଝୁମିଥିଲେ ଛାତ୍ରଛାତ୍ରୀ ।

ଭାରତୀୟ ସଙ୍ଗୀତ ନିର୍ଦ୍ଦେଶକ, ପ୍ରତିଷ୍ଠିତ ଗାୟକ, ଚଳଚ୍ଚିତ୍ର ସ୍କୋରର, ରଚନା, ସଙ୍ଗୀତଜ୍ଞ ଏବଂ ଗୀତିକାର ଭାବେ ସୁପରିଚିତ ଅମିତ ତ୍ରିବେଦୀ ଜଣେ ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ମଧ୍ୟ । ତାଙ୍କର ନିଆରା ସଙ୍ଗୀତ ରଚନା ଯୋଗୁଁ ସେ ବର୍ତ୍ତମାନ ବଲିଉଡ ସଙ୍ଗୀତ ଜଗତରେ ସର୍ବୋତ୍ତମ ସଙ୍ଗୀତ ରଚୟିତା ଭାବରେ ପରିଗଣିତ ହୋଇ ଏକ ବିରାଟ ଫ୍ୟାନ୍ ବେସ୍ ହାସଲ କରିସାରିଛନ୍ତି । ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଚଳଚ୍ଚିତ୍ର ପୁରସ୍କାର, ଗ୍ଲୋବାଲ୍ ଇଣ୍ଡିଆନ୍ ମ୍ୟୁଜିକ୍ ଏକାଡେମୀ ପୁରସ୍କାର ଇତ୍ୟାଦି ହାସଲ କରି ବେଶ୍ ଗୌରବ ଅର୍ଜନ କରିଛନ୍ତି । ଏହାସହ ସେ ବିଭିନ୍ନ ଭାରତୀୟ ଭାଷାରେ ଚଳଚ୍ଚିତ୍ର ପାଇଁ ମଧ୍ୟ ଗୀତ ରେକର୍ଡ କରିଛନ୍ତି ।





ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଡିଆଇସି ଅତନୁ ଭୌମିକ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଏବଂ ରାଉରକେଲା ଏସପି ବ୍ରିଜେଶ କୁମାର ରାୟଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ରାଉରକେଲା ଏନଆଇଟି ଡିନ୍, ଛାତ୍ର ବ୍ୟାପାର ପ୍ରଫେସର ସିଦ୍ଧାର୍ଥ ଏସ୍ ଜେନାଙ୍କ ନେତୃତ୍ୱରେ ଏଲଏସି ସଭାପତି ପ୍ରଫେସର ରାଜୀବ କୁମାର ପଣ୍ଡା, ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ ଏବଂ ଏସଏସି ଉପାଧ୍ୟକ୍ଷମାନେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ୫ ହଜାରରୁ ଅଧିକ ଦର୍ଶକ ଏହାକୁ ଉପଭୋଗ କରିଥିଲେ ।

ମୋବାଇଲ ଲୁଟ୍ କରି ଫେରାର ହେଉଥିଲେ

# ପିଛାକରି ଧରିଲେ ମହିଳା

**ରାଉରକେଲା, ୬।୪(ସମିସ):** ଜଣେ ମହିଳାଙ୍କଠାରୁ ମୋବାଇଲ ଲୁଟ୍ କରି ଦୁର୍ବୃତ୍ତମାନେ ଫେରାର ହେଉଥିଲେ । ହେଲେ ମହିଳା ଜଣକ ପିଛା କରି ଜଣକୁ ଧରିବାରେ ସକ୍ଷମ ହୋଇଛି । ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ଗାୟତ୍ରୀ ମନ୍ଦିର ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଏହି ଘଟଣା ଘଟିଛି । ଜଗଦା ଅଞ୍ଚଳର ସୁନୀତା ରାଉତ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୧ଟା ବେଳେ ମର୍କେଟିଂ କରି ଘରକୁ ଫେରୁଥିଲେ । ହଠାତ୍ ଏକ ସ୍କୁଟି ଯୋଗେ ୩ ଦୁର୍ବୃତ୍ତ ଆସି ମୋବାଇଲ ଲୁଟ୍ କରି ଫେରାର ହୋଇଯାଇଥିଲେ । ସୁନିତା ତାଙ୍କୁ ପିଛା କରି ନୂଆ ବଜାରଠାରେ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ପୁଲିସ ଘଟଣାସ୍ଥଳରେ ସମ୍ପୃକ୍ତ ଦୁର୍ବୃତ୍ତକୁ ଗିରଫ କରିବା ସହ ସ୍କୁଟି ଜବତ କରିଛି । ଏଥିରେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି । ପୁଲିସ ଧରାପଡ଼ିଥିବା ଦୁର୍ବୃତ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଅନ୍ୟ ଦୁଇ ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

# କାଠ ଫାଳିଆରେ ରାଜମିସ୍ତ୍ରିଙ୍କୁ ହତ୍ୟା

**ରାଉରକେଲା, ୬ ।୪(ସମିସ):** ସ୍ଥାନୀୟ ବିଶ୍ରା ଥାନା ଅନ୍ତର୍ଗତ ମହିପାଣି ଗାଁରେ ଜଣେ ରାଜମିସ୍ତ୍ରିଙ୍କୁ କାଠ ଫାଳିଆରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରାଯାଇଛି । ମୃତ ରାଜମିସ୍ତ୍ରି ହେଲେ ମହିପାଣି ଗାଁର ସନ୍ତୋଷ କୁମ୍ଭାର (୪୧) । ପୁଲିସ ସେହି ଗାଁର ଅଭିଯୁକ୍ତ ପାଣ୍ଡୁ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ମୁତାବକ ସନ୍ତୋଷଙ୍କ ସ୍ତ୍ରୀଙ୍କର କିଛି ମାସ ପୂର୍ବେ ମୃତ୍ୟୁ ହୋଇଥିଲା । ସେହିପରି ପାଣ୍ଡୁଙ୍କ ପତ୍ନୀଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ପାଣ୍ଡୁ ଗୋଆରେ ଶ୍ରମିକ ଭାବେ କାମ କରୁଥିଲେ । ତେବେ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ସେମାନେ ପରସ୍ପରକୁ ସନ୍ଦେହ କରୁଥିଲେ । ଏହି କାରଣରୁ ଉଭୟଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା । ଶୁକ୍ରବାର ରାତିରେ ପାଣ୍ଡୁ ଗୋଆରୁ ଫେରି ସନ୍ତୋଷ ଘରକୁ ଯାଇଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ପୂର୍ବ ଘଟଣାକୁ ନେଇ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ପାଣ୍ଡୁ ଏକ କାଠ ଫାଳିଆରେ ସନ୍ତୋଷଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଏଥିରେ ସନ୍ତୋଷ ଚେତାଶୂନ୍ୟ ଅବସ୍ଥାରେ ତଳେ ପଡ଼ିଯିବାରୁ ପାଣ୍ଡୁ ସେଠାରୁ ଖସି ପଳାଇଥିଲେ । ଶନିବାର ସକାଳେ ସନ୍ତୋଷଙ୍କ ରକ୍ତ ଜୁଡୁବୁଡୁ ଶରୀର ତଳେ ପଡ଼ିଥିବା ଦେଖି ତାଙ୍କ ବାପା ତୁରନ୍ତ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜୋନାଲ ଡିଏସପି ନିର୍ମଳ କୁମାର ମହାପାତ୍ର, ବିଶ୍ରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ବିଶ୍ରା ଥାନାରେ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରାଯାଇ ଫେରାର ଅଭିଯୁକ୍ତ ପାଣ୍ଡୁଙ୍କୁ ଗିରଫ କରାଯାଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଅଭିଯୁକ୍ତ ଗିରଫ

● କଖାରୁ ବୋଝେଇ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ

# ବାପା ସମେତ ୨ ପୁଅ ଗୁରୁତର

**ହରଭଙ୍ଗା, ୬ ।୪(ସମିସ):** ନବରଙ୍ଗପୁରରୁ କଖାରୁ ନେଇ ଭୁବନେଶ୍ୱର ଯାଉଥିବା ଏକ ଟ୍ରକ୍ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଲୁଣିବାହାଲ ନିକଟ ୫୭ନମ୍ବର ଜାତୀୟ ରାଜପଥ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣାର ଶିକାର ହୋଇଛି । କଖାରୁ ବୋଝେଇ ଟ୍ରକ୍‌କୁ ଅନ୍ୟ ଏକ ଗାଡ଼ି ପିଟିଛି । ଟ୍ରକ୍ ଚାଳକ ସମେତ ତାଙ୍କର ୩ପୁଅ ଗୁରୁତର ହୋଇଛନ୍ତି । ଦମକଳ ବାହିନୀ ଆହତଙ୍କୁ ଟ୍ରକ୍‌ରୁ ବାହାର କରିବା ପରେ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଇନୋଭାରୁ ୫୫ଲକ୍ଷ ୨୦ହଜାର ଟଙ୍କା ଜବତ



**ବିନିକା, ୬ ।୪(ସମିସ):** ବିନିକା କଲେଜ ଛକରେ ଶୁକ୍ରବାର ସନ୍ଧ୍ୟାରେ ପୁଲିସ ଏକ ଇନୋଭାରୁ ୫୫ଲକ୍ଷ ୨୦ହଜାର ଟଙ୍କା ଜବତ କରିଛି । ତେବେ ସାଧାରଣ ନିର୍ବାଚନ ପୂର୍ବରୁ ଏତେ ଟଙ୍କା ଜବତ ହେବା ଅନେକ ପ୍ରଶ୍ନ ସୃଷ୍ଟି କରିଛି । ତେବେ ଗାଡ଼ିରେ ବସିଥିବା ୪ଜଣ ବ୍ୟକ୍ତି ଏହି ଟଙ୍କା ଧରି ଆନ୍ଧ୍ରପ୍ରଦେଶ କାକିନାଡ଼ା ଜିଲ୍ଲାକୁ ଯାଉଥିବା ସୂଚନା ମିଳିଛି ।

# କଫଶିରପ କାରବାରରେ ୨ ଗିରଫ

**ଡୁଙ୍ଗୁରିପାଲି, ୬ ।୪(ମସିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ପୁଲିସ ଦୁଇଟି ସ୍ଥାନରୁ ୧୬୩ ବୋତଲ କଫଶିରପ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ୍ କରିଛି । ରାମପୁର ରୋଡ୍ ଫାଟକ ଅଞ୍ଚଳରୁ ୬୦ ବୋତଲ ଓ ଶିବାନନ୍ଦପଡ଼ା ଅଞ୍ଚଳରୁ ୧୦୩ ବୋତଲ କଫଶିରପ ଜବତ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ରେଳଫାଟକର ଠାକୁର କୂଅର ଏବଂ ଶିବାନନ୍ଦପଡ଼ାର ବିରଞ୍ଚି ସେଠି ।

ରାଜ୍ୟ କ୍ୟାଡେଟ ଓ ଜୁନିଅର କରାଟେ ଚାମ୍ପିଅନସିପ୍

# ୧୦ ଜଣିଆ ରାଉରକେଲା ଦଳ ଚୟନ

**ରାଉରକେଲା, ୬ ।୪(ସମିସ):** ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ (ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୫ତମ ରାଜ୍ୟ ଜୁନିଅର ଓ କ୍ୟାଡେଟ କରାଟେ ଚାମ୍ପିୟନସିପ ଆସନ୍ତା ୭ ତାରିଖ ଅନୁଷ୍ଠିତ ହେବ । ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶୈଳୀର କରାଟେ ପ୍ରଶିକ୍ଷଣ କେନ୍ଦ୍ରର କରାଟେକାମାନେ ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜିଲ୍ଲା କରାଟେ ସଂଘ ମାଧ୍ୟମରେ ଏହି ରାଜ୍ୟସ୍ତରୀୟ ଚାମ୍ପିୟନସିପରେ ଅଂଶଗ୍ରହଣ କରିବେ ।

ଏଥିପାଇଁ ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଉରକେଲା କରାଟେ ଆସୋସିଏସନ ପକ୍ଷରୁ ଏକ ଚୟନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ଶୈଳୀ-ଉତ୍କଳ କରାଟେ ସ୍କୁଲ ଓ ଓଡ଼ିଶା ଶିଟୋରିୟୁ କରାଟେ ଇଣ୍ଡିଆ ଅର୍ଗାନାଇଜେସନରୁ ଅଂଶଗ୍ରହଣ କରିଥିବା କରାଟେକାଙ୍କ ମଧ୍ୟରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ଆର୍ଯ୍ୟା ବଂଶୀକା, ସୁହାନୀ ମିଶ୍ର, ଆର୍ଯ୍ୟବ୍ରତ ବିଶ୍ୱାଳ, ସୂର୍ଯ୍ୟ ପ୍ରକାଶ ଘଡ଼େଇ, ପୁଲକ ପାଢ଼ୀ, ମିଳନ ନାୟକ, ସମ୍ଭବ ପଣ୍ଡା, ଶୁଭକାନ୍ତ ସ୍ୱାଇଁ, ଆୟୁଷ୍ମାନ ବେହେରା ଓ ରୋହନ ଖଡ଼ିଆଙ୍କ ସମେତ ମୋଟ ୧୦ ଜଣ କରାଟେକାଙ୍କୁ ମନୋନୀତ କରାଯାଇଛି । ରାଉରକେଲା କରାଟେ ଆସୋସିଏସନ ସାଧାରଣ ସମ୍ପାଦକ ରାଜୀବ କୁମାର ସିଂ ଏହି ଚୟନ ଶିବିର ପରିଚାଳନା କରିଥିଲେ । ଅଭିଷେକ ପଟ୍ଟନାୟକ, ମୋନାଲିସା ମିଶ୍ର, ମୋନାଲିସା ମିତ୍ର ସହଯୋଗ କରିଥିଲେ । ମନୋନୀତ କରାଟେ ଦଳରେ ଟିମ ମ୍ୟାନେଜେର ରଞ୍ଜନ ପାତ୍ର, କୋଚ ଅଭିଷେକ ପଟ୍ଟନାୟକ ଓ ରକି ଖଡ଼ିଆଙ୍କ ସହ ରବିବାର ଭୁବନେଶ୍ୱର ଯାତ୍ରା କରିବେ । ରାଉରକେଲା କରାଟେ ଆସୋସିଏସନ ସଭାପତି ସାରଦା ପ୍ରସାଦ ନାୟକଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।



# ବିଜେଡି ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କ ପ୍ରଚାର ଆରମ୍ଭ

**ସୋନପୁର, ୬ ।୪(ସମିସ):** ବିଜେଡି ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଚାର ଆରମ୍ଭ କରିଛନ୍ତି । ସୁରେନ୍ଦ୍ରଙ୍କ ପ୍ରଥମ ଗସ୍ତରେ ତାଙ୍କୁ ବିଭିନ୍ନ ସ୍ଥାନରେ ଜନସାଧାରଣ ଏବଂ ବିଜେଡି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସୋନପୁର ତେଲ ନଦୀ ପୋଲଠାରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ଶତାଧିକ ବିଜେଡି କର୍ମୀ, ନେତା ଓ ସାଧାରଣ ଲୋକେ ମଧ୍ୟ ସ୍ୱାଗତ କରିଥିଲେ । ପରେ ସେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କୁ ଦର୍ଶନ କରିଥିଲେ । ନେତା ଓ କର୍ମୀଙ୍କ ଗହଣରେ ସୁରେଶ୍ୱରୀ ମନ୍ଦିର ନିକଟରୁ ବାହାରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ସହରର ବଡ଼ବଜାର, ବସଷ୍ଟାଣ୍ଡ ଦେଇ ବିଜୁ ପଟ୍ଟନାୟକ ଛକରେ ଶୋଭାଯାତ୍ରା ପହଞ୍ଚିଥିଲା । ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଜେଡି ଜିଲ୍ଲା ସଭାପତି ସରୋଜ କମ୍ପ, ଟାଉନ ସଭାପତି ଜନ୍ମେଞ୍ଜୟ ପାତ୍ର, ପୌରାଧକ୍ଷା ତାମସି ତାମସ୍ମିତା ନାଏକ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଅଭିମନ୍ୟୁ କୁଶଳ, ମଧୁସୂଦନ ଓତା, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ମସ୍‌ଜିଦ୍‌ରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ସୁନ୍ଦରଗଡ଼, ୬ ।୪(ସମିସ)

ତଳସରା ଥାନା ଅନ୍ତର୍ଗତ ଫିରିଙ୍ଗପଡ଼ା ମସଜିଦରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି । ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମିଳିଥିବା ସୂଚନା ଅନୁଯାୟୀ, ରାମଜାନ ଅବସରରେ ଏହି ମସଜିଦରେ ନମାଜ ପାଠ କରାଯାଇଥିଲା । ତେବେ ଏଠାରେ ଜଣେ ମୌଲବୀଙ୍କୁ ଡକା ନ ଯାଇ ଉଭୟ ଗୋଷ୍ଠୀ ପକ୍ଷରୁ ଜଣେ ଲେଖାଏଁ ଏହିପରି ୨ ମୌଲବୀଙ୍କୁ ଡକାଯାଇଥିଲା । ଉକ୍ତ ମୌଲବୀମାନେ ୨ଟି କାର୍ଯ୍ୟକ୍ରମ ଚଳାଇଥିଲେ । ତେବେ ନମାଜ ପାଠ ସରିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ବେଳେ ସୁନ୍ଦରଗଡ଼ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା ଓ ତଳସରା ଥାନା ଆଇଆଇସି ପୁଷ୍ପେନ୍ଦୁ ସାଗର ୨ ପ୍ଲାଟୁନ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଏହାକୁ ନିୟନ୍ତ୍ରଣ କରିଥିଲେ । ପରେ ଏସକେ ଅବଦୁଲ ଅଦତ୍ ଜଣେ ମୌଲବୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ଆଣି ଅପର ଗୋଷ୍ଠୀ ବିରୋଧରେ ଏତଲା ଦେଇଛନ୍ତି । ସେହିପରି କସିଦ ହୁସେନ ଅପରଗୋଷ୍ଠୀ ବିରୋଧରେ ଜାଲିଆତି କରି ମସଜିଦ ପାଣ୍ଠି ଦୁରୁପଯୋଗ ଅଭିଯୋଗ ଆଣିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

ଉଭୟ ପକ୍ଷରୁ ଏତଲା

● ଗହୀରମଥାରେ ଅଲିଭରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି

# ୪ ଦିନରେ ୨ ଲକ୍ଷ ୬୭ ହଜାର ୩୧୬ କଇଁଛଙ୍କ ଅଣ୍ଡାଦାନ

**ରାଜନଗର,୬।୪(ସମିସ):** ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ବିରଳ ଅଲିଭରିଡଲେ କଇଁଛମାନଙ୍କ ଏକ୍ସୁଡିଶାଳ ଗହୀରମଥା ଲକ୍ଷ ଲକ୍ଷ ମାଆ କଇଁଛଙ୍କ ଅଣ୍ଡାଦେବା ପ୍ରକ୍ରିୟାରେ ଚଳଚଞ୍ଚଳ ହୋଇପଡିଛି। ଚଳିତମାସ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆଉ ୨ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ପାଗର ଅନୁକୂଳର ସୁଯୋଗ ନେଇ ୨ ତାରିଖ ଦିନ ୩ ହଜାର ୩୭ଟି, ୩ ତାରିଖରେ ୮୩ ହଜାର ୬ଶହ, ୪ ତାରିଖରେ ୯୮ ହଜାର ୧୬ଟି ଏବଂ ୫ ତାରିଖରେ ୮୨ ହଜାର ୬୬୩ଟି ମୋଟ ୨ ଲକ୍ଷ ୬୭ ହଜାର ୩୧୬ ମାଆ ଅଲିଭରିଡଲେ ଅଣ୍ଡା ଦେଇ ସାରିଲେଣି। ଏହି ପ୍ରକ୍ରିୟା ଆଉ ୨ଦିନ ପର୍ଯ୍ୟନ୍ତ ଜାରି ରହିବା ସହିତ ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ କଇଁଛ ଗଣ ଅଣ୍ଡାଦାନ ଦେବା ନେଇ ଆମେ ଆଶାବାଦୀ ଅଛୁ ବୋଲି ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି। ପ୍ରତିକୂଳ ଯୋଗୁଁ ଗୋଟିଏ ମାସ ପରେ କଇଁଛମାନେ ସମୂହ ଅଣ୍ଡାଦାନ କରିଛନ୍ତି। ଯାହା ଗହୀରମଥା ଇତିହାସରେ ପ୍ରଥମ ଘଟଣା ବୋଲି ଡିଏଫଓ ଶ୍ରୀ ଯାଦବ କହିଛନ୍ତି। ଗତକାଲି ଗହୀରମଥାରେ ପିସିସିଏଫ ସୁଶାନ୍ତ କୁମାର ନନ୍ଦ, ସିସିଏଫ ମନୋଜ ଭି. ନାୟାର, ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ପହଞ୍ଚି ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ସହିତ କଇଁଛ ଅଣ୍ଡା ଗୁଡିକ କିପରି ବାହ୍ୟ ଶତ୍ରୁଙ୍କ ଠାରୁ ସୁରକ୍ଷିତ ରଖାଯାଇପାରିବ, ଏ ନେଇ ପରାମର୍ଶ ଦେଇଥିଲେ। ଏହି ସମୟରେ ଏସିଏଫ ମାନସ କୁମାର ଦାସ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଏବେ ସଞ୍ଜ ପରଠୁଁ ଜାରି ରହିଛି।



ମାଆ କଇଁଛମାନେ ବେଳାଭୂମିର ନରମ ବାଲି ରାଶିରେ ପଛପଟ ଗୋଡରେ ୧ଫୁଟରୁ ଦେଢଫୁଟ ଗଭୀରର ମାଠିଆ ଆକୃତିର ଗାତ ଖୋଳି ଥାଏ । ଗାତ ଖୋଳିବା ପରେ ମାଆ କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟିନଥାଏ। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନସ୍ଥଳକୁ ଜଗି ରହିଛନ୍ତି । ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏଠାରେ ସୂଚନାଯୋଗ୍ୟ ସମଗ୍ର ବିଶ୍ୱରେ ବିଶ୍ୱ ତାପନ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ କେବଳ ମାନବ ସମାଜକୁ ପ୍ରଭାବିତ କରିନାହିଁ, ବରଂ ଜୀବଜନ୍ତୁ ଏପରିକି ସାମୁଦ୍ରିକ ଜୀବଙ୍କ ଜୀବନଶୈଳୀ ଉପରେ ଗୁରୁତର ପ୍ରଭାବ ପକାଇଛି। ଯାହାଫଳରେ ୧ ମାସ ବିଳମ୍ବରେ ଅଲିଭରିଡଲେ ମାଆ କଇଁଛମାନେ ସମୂହ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି।

## ଚାନ୍ଦୋଳ ମଣ୍ଡଳ ପକ୍ଷରୁ ବିଜେପିର ପ୍ରତିଷ୍ଠା ଦିବସ ପାଳିତ

**ଡେରାବିଶ,୬।୪(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ମାତୃବାଟିକା ପରିସରରେ ଚାନ୍ଦୋଳ ମଣ୍ଡଳ ତରଫରୁ ବିଜେପିର ୪୪ ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସ୍ମାରକ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମାକାନ୍ତ ପଟ୍ଟନାୟକ, ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲ୍ଲା ସମ୍ପାଦିକା ମନିଷା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସୀନ ନେତା ସରୋଜକାନ୍ତ ସାହୁ, ମନିଷା ପଣ୍ଡା ପ୍ରମୁଖ ଦେଇଥିଲେ। ପ୍ରାରମ୍ଭରେ ମଣ୍ଡଳ ସମ୍ପାଦକ ସରୋଜକାନ୍ତ ପଣ୍ଡା ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ମଣ୍ଡଳ ଉପସଭାପତି ମମତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ମଣ୍ଡଳର ଶତାଧିକ ଛାମୁଆଁ କର୍ମୀ ଯୋଗ ଦେଇଥିବା ବେଳେ ଉତ୍ସବକୁ ଡେରାବିଶ ମଣ୍ଡଳ ପୂର୍ବତନ ଯୁବମୋର୍ଚ୍ଚା ସଭାପତି ମଦନ ମୋହନ ସାହୁ ପରିଚାଳନା କରିଥିଲେ।

## କଂଗ୍ରେସ ଛାଡ଼ିଲେ ଅନୁପ ସାହାଣୀ



**ପାରାଦୀପ, ୬।୪(ସମିସ):** ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ପାରାଦୀପ ନଗର ସଭାପତି ଶନିବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଦଳର ପ୍ରାଥମିକ ସଦସ୍ୟ ସହ ନଗର ସଭାପତି ପଦବୀରୁ ସେ ଇସ୍ତଫା ଦେଇଛନ୍ତି। ବାପି ସର୍ଖେଲ ଗତ ୪ ତାରିଖରେ କଂଗ୍ରେସ ଦଳ ଛାଡିଲେ, ତାଙ୍କର ଜଣେ ଅନୁଗତ ଭାବେ ସେ କଂଗ୍ରେସ ଛାଡ଼ିଛନ୍ତି ବୋଲି ଶ୍ରୀ ସାହାଣୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ, ସାଢ଼େ ୪ କୋଟି ଓଡ଼ିଆଙ୍କ ଦୁଃଖ ବୁଝୁଥିବା ଓ ଓଡ଼ିଶାର ବିକାଶ ପାଇଁ ତାଙ୍କର ରହିଥିବା ଅଭିଳାଷରେ ଅନୁପ୍ରାଣିତ ହୋଇ ସେ ଆଜି ମୋନିଦୀପା ସର୍ଖେଲଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବିଜେଡିରେ ମିଶିବା ସହ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ସାହାଣୀ ଛାତ୍ର ଜୀବନରୁ ଯୁବ କଂଗ୍ରେସର ଦାୟିତ୍ୱ ନେଇ ପାରାଦୀପରେ କଂଗ୍ରେସ ଦଳକୁ ସଂଗଠିତ କରିବା ସହ ମଜବୁତ କରିପାରିଥିଲେ। ବାପି ସର୍ଖେଲ ୨୦୨୧ରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ନଗର କଂଗ୍ରେସ ଭଳି ଗୁରୁଦାୟିତ୍ୱ ନ୍ୟସ୍ତ କରିଥିଲେ।

## ବିଜେପି ପ୍ରତିଷ୍ଠା ଦିବସ ପାଳିତ

**ମହାକାଳପଡ଼ା,୬।୪(ସମିସ):** ମହାକାଳପଡା ବ୍ଲକ ବଳିପାଳ ଗ୍ରାମପଞ୍ଚାୟତସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟିର ୪୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର ସଭାରେ ଦଳୀୟ ବିଧାୟକ ପ୍ରାର୍ଥୀ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ସଂଯୋଜକ ସରୋଜ କାନ୍ତ ସାହୁ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅମିତାଭ ସୁଆର,୨୩ ନମ୍ବର ଜୋନର ମଣ୍ଡଳ ସଭାପତି ତ୍ରିଲୋଚନ ରାଉତ, ପ୍ରକାଶ ପ୍ରଧାନ ସରପଞ୍ଚ ରଶ୍ମି କାନ୍ତ ପଲାଇ, ସମିତି ସଭ୍ୟ କୃଷ୍ଣ ପଦ ମଣ୍ଡଳ, ବ୍ରଜ ସୁନ୍ଦର ରାଉତ, ବିଜେପି ନେତା ସୁକାନ୍ତ ଦାସ, ପ୍ରଦୀପ ସେଠୀ, ରମେଶ ବେହେରା, ପ୍ରହଲ୍ଲାଦ ସେଠୀ, ରଶ୍ମି ରଞ୍ଜନ ରାଉତରାୟ, ଦେବାଶିଷ ନନ୍ଦ, ଦେବାଶିଷ ମିଶ୍ର, ଜୀବନାନନ୍ଦ ସାହୁ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ଚନ୍ଦ୍ର ସାହୁ, ସୁକାନ୍ତ ପ୍ରଧାନ, କେଶବ ଭୋଳ, ଚନ୍ଦ୍ରକାନ୍ତ ସ୍ୱାଇଁ, ତୋଫାନ ମଣ୍ଡଳ, ରାମଚନ୍ଦ୍ର ମହାନ୍ତି, ପ୍ରତାପ ସାମଲ, ସୁରେନ୍ଦ୍ର ସାହୁ, ରୁଦ୍ର ନାରାୟଣ ମୁଦୁଲି, ମାନସ ମହାନ୍ତି, ବ୍ରହ୍ମାନନ୍ଦ ବେହେରା, ସୁକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଫେସର ଅନୀଲ କୁମାରଙ୍କ ବିୟୋଗରେ ଶୋକ

**କୁଜଙ୍ଗ,୬।୪(ସମିସ):** ପ୍ରଫେସର ଅନିଲ କୁମାରଙ୍କ ପରଲୋକରେ କୁଜଙ୍ଗ ସତ୍ୟସାଇ ସେବା ସମିତି ସହ ଜିଲ୍ଲା ସଂଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଏକ ଶୋକବାର୍ତ୍ତାରେ ସତ୍ୟସାଇ ସଂଗଠନର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ କହିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମରେ ଏହି ମୂଲ୍ୟବୋଧ ଯୁକ୍ତ ମହାନ ପ୍ରଫେସର ଦୁଇଥର ପାରାଦୀପ ଗସ୍ତ କରିଥିବାବେଳେ ବାବାଙ୍କ ବୃନ୍ଦାବନ କ୍ୟାମ୍ପସର ଅଧ୍ୟକ୍ଷ ସହ ରାଜ୍ୟ ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଦୀର୍ଘଦିନ ଧରି ପ୍ରଶାନ୍ତି ନିଳୟମରେ ରହିଆସୁଥିଲେ। ସେହିପରି ଅନୀଲ କୁମାରଙ୍କ ପରଲୋକରେ କୁଜଙ୍ଗ ସମିତିର ଆବାହକ ଶିକ୍ଷାବିତ୍ ସରୋଜ କୁମାର ବେହେରା, ଜିଲ୍ଲା ସଂଗଠନର ସଦସ୍ୟ ବାବାଜୀ ଚରଣ ପୃଷ୍ଟି, ଦାଶରଥ ପୃଷ୍ଟି, ମନୋରଞ୍ଜନ ମାଝୀ, ସନ୍ତୋଷ କୁମାର ବେହେରା, ବିଜୟ କୁମାର ସ୍ୱାଇଁ, ଇଂ ଗଗନ ବିହାରୀ ପୃଷ୍ଟି ପ୍ରମୁଖ ଶୋକ ପ୍ରକାଶ କରିବା ସହ ଦେଶ ଜଣେ ଭଲ ଶିକ୍ଷାବିତ୍‌ଙ୍କୁ ହରାଇଲା ବୋଲି କହିଛନ୍ତି।

## କୁଜଙ୍ଗ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ




**କୁଜଙ୍ଗ,୬।୪(ସମିସ):** କୁଜଙ୍ଗ ଓକିଲ ସଂଘ ସଭାଗୃହରେ ସଂଘର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବାର୍ କାଉନସିଲର ନିର୍ଦ୍ଦେଶକ୍ରମେ ସଂଘର ନିର୍ବାଚନ ଅଧିକାରୀ ଆଇନଜୀବୀ ଭାଗୀରଥି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୁଜଙ୍ଗ ଏଡିଜେ ପାର୍ଥସାରଥି ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କୁଜଙ୍ଗ ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ମୁନ୍‌ସିଫ୍ ଅନୁରାଧା ଶର୍ମା, ଜେଏମ୍‌ଏଫ୍‌ସି ବିଶ୍ୱଭୂଷଣ ନାୟକ ପ୍ରମୁଖଙ୍କ ସହ ଓଡ଼ିଶା ଷ୍ଟେଟ୍ ବାର୍ କାନସିଲ ସଦସ୍ୟ ଦିନେଶ ରାୟ ବିଶେଷ ଅତିଥି ରୂପେ ଯୋଗ ଦେଇଥିଲେ। ପରେ ଅତିଥିଙ୍କ ଉପସ୍ଥିତିରେ ଏହି ମର୍ଯ୍ୟାଦା ସମ୍ପନ୍ନ ସଂଗଠନର ସଭାପତି ରୂପେ ପ୍ରାକ୍ତନ ସଭାପତି ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ରୂପେ ଅନ୍ତର୍ଯ୍ୟାମୀ ନାରାୟଣ ଦାସଯାଦବ, ଉପସଭାପତି ନୃସିଂହ ଚରଣ ପ୍ରଧାନ, ଯୁଗ୍ମସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ସହସମ୍ପାଦକ ବ୍ରଜକିଶୋର ରାଉତ(ମାନସ), ପାଠାଗାର ସମ୍ପାଦକ ପ୍ରଣୟ କୁମାର ପରିଜା, କୋଷାଧ୍ୟକ୍ଷ ପବିତ୍ର ମୋହନ ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟସଭ୍ୟା ରୂପେ ଜ୍ଞାନରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର କୁମାର ରାଉତ, ଦୀପକ କୁମାର ନାୟକ, ପ୍ରିୟମ୍ବଦା ପାଣି, ଅଭୟ କୁମାର ବେହେରା, ପାର୍ଥସାରଥୀ ମହାନ୍ତି, ପ୍ରଶାନ୍ତ କୁମାର ବାରିକ, ନିର୍ମଳ କୁମାର ମଲିକ ଶପଥ ଗ୍ରହଣ କରିଥିଲେ। ଉତ୍ସବରେ ସ୍ୱାଗତ ଭାଷଣ ଅମୃତ ଦାସ ଦେଇଥିବାବେଳେ ପୂର୍ବତନ ସଭାପତି ସତ୍ୟାନନ୍ଦ ବିଶ୍ୱାଳ ବକ୍ତବ୍ୟ ଦେଇଥିଲେ। ଷ୍ଟେଟ୍ ବାର୍ କାଉନସିଲ ସଦସ୍ୟ ଦିନେଶ ରାୟଙ୍କ ସେବା, ସମର୍ପଣ ଓ ତ୍ୟାଗ ପାଇଁ ତାଙ୍କୁ ନୂତନ କର୍ମକର୍ତ୍ତା ଓ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## କଂଗ୍ରେସରୁ ରମେଶ ଓ ଯାଦବଙ୍କ ଇସ୍ତଫା

**କୁଜଙ୍ଗ,୬।୪(ସମିସ):** ଶ୍ରମିକ ନେତା ବାପି ସର୍ଖେଲ କଂଗ୍ରେସରୁ ଇସ୍ତଫା ଦେବା ପରେ ଏହାର ପ୍ରଭାବ କୁଜଙ୍ଗ ତଥା ପାରାଦୀପ ନିର୍ବାଚନମଣ୍ଡଳୀ ଉପରେ ପଡିଛି। ଏହି ମର୍ମରେ ଦଳର ମଙ୍ଗ ଧରିଥିବା ବରିଷ୍ଠ ଓକିଲ ତଥା ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ଦାସ ଦଳର ବ୍ଲକ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏକ ବାର୍ତ୍ତାରେ ସେ ଦଳର ରାଜ୍ୟ ସଭାପତିଙ୍କୁ ତାଙ୍କ ଇସ୍ତଫା ଦେଇଥିବା ବେଳେ ଦଳ ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। ଅନ୍ୟ ପକ୍ଷରେ କୁଜଙ୍ଗ ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ତଥା ଦଳ ବ୍ଲକ ଉପସଭାପତି ତଥା କଂଗ୍ରେସର ବ୍ଲକ ଆବାହକ ବରିଷ୍ଠ ଆଇନଜୀବୀ ଏଏନ୍‌ଡି ଯାଦବ ମଧ୍ୟ ଦଳର ବ୍ଲକ ଉପସଭାପତି ପଦ ସହ ପ୍ରାଥମିକ ସଦସ୍ୟରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ପ୍ରକାଶଯେ ଗତ ସାଧାରଣ ନିର୍ବାଚନରେ ଦଳ ବିଧାନସଭା ନିର୍ବାଚନରେ ୪୮୮୭୯ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ





୩୧.୨୯ ପ୍ରତିଶତ ଭୋଟ ପାଇ ୧୩ ପ୍ରତିଶତ ଭୋଟ ଅଳ୍ପ ବ୍ୟବଧାନରେ ପଛରେ ରହିଯାଇଥିଲା। ଦଳକୁ ବ୍ଲକରେ ମଙ୍ଗ ଧରିଥିବା ଦୁଇ ଚେହେରା ବାପିଙ୍କ ପରେ ଦଳ ଛାଡିବା ଯୋଗୁ ଏଠାରେ କଂଗ୍ରେସ ଦୁର୍ବଳ ହେଉଥିବା ଲକ୍ଷ୍ୟ କରାଯାଉଛି।

## କବି ପ୍ରଦୀପ ଦାସଙ୍କୁ ସମ୍ବର୍ଦ୍ଧନା



**ତିର୍ତ୍ତୋଲ, ୬।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ତରଫରୁ ଫଗୁ ଉତ୍ସବ ଅବସରରେ ଝାଡଖଣ୍ଡରେ ଅବସ୍ଥାନ କରୁଥିବା ପ୍ରତିଭା କବି ପ୍ରଦୀପ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଆଇନଜୀବୀ ମଞ୍ଜୁଲତା ରାଉତ, ସଂସଦର ଉପସଭାପତି ହେମନ୍ତ କୁମାର ନାୟକ, ସଙ୍ଗଠନ ସମ୍ପାଦକ ଶ୍ୟାମ ସୁନ୍ଦର ବେହେରା, କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା, କିଶୋର କୁମାର ଦାସ, ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ସଭାପତି ପ୍ରେମଚରଣ ରାଉତ ପ୍ରମୁଖ ଉପସ୍ଥିତ ରହି କବି ଶ୍ରୀ ଦାସଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ କବି ଶ୍ରୀ ଦାସ ଝାଡଖଣ୍ଡ ରାଜ୍ୟର ଓଡିଆ ଭାଷୀ ଅଞ୍ଚଳରେ ଓଡିଆ ଭାଷାର ସୁରକ୍ଷା ଓ ପ୍ରସାର ଦିଗରେ କାର୍ଯ୍ୟ କରୁଛନ୍ତି।

## ପାଣ୍ଡୁଆ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ




**କୁଜଙ୍ଗ,୬।୪(ସମିସ):** ବିଦ୍ୟାଳୟରେ ନୂତନ କରି ନାମ ଲେଖାଇବାକୁ ଆସିଥିବା ପିଲାମାନଙ୍କୁ ଫୁଲତୋଡା, ଝୋଟୀ, ସହ ସୁନ୍ଦର ଗୀତ ଗାଇ ସ୍ୱାଗତ କରାଯାଇଛି କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଣ୍ଡୁଆ ପରିସରରେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏକଦା ପଣ୍ଡୁଆ, ଗୋରଡ, ବଣିତୋ ତଥା ଏରସମାର କିଛି ଅଞ୍ଚଳ ପାଇଁ ଶିକ୍ଷା, ସାଧାନ ତଥା ବିକାଶର ଏକ୍ସୁଡିଶାଳ ଥିଲା ବୋଲି ଆଜି ପ୍ରବେଶ ଉତ୍ସବ ଅବସରରେ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ନେତା ଦେବାଶୀଷ ଲେଙ୍କା କହିଛନ୍ତି। ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କାଙ୍କ ପୌରହିତ୍ୟରେ ପରିଚାଳନା ସମିତିର ସଭାପତି ଦିଲ୍ଲୀପ ବାରିକ, ବରିଷ୍ଠ ଶିକ୍ଷକ ଅନୀଲ କୁମାର ବିଶ୍ୱାଳ, ସରୋଜିନୀ ଦାସ, ସରୋଜ କୁମାର ବେହେରା, ଜାନ୍‌ସୀରାଣୀ ରାଉତ, କିଶୋର ଚନ୍ଦ୍ର ସାହୁ, ମନୋରାମା ରାଉତ ପ୍ରମୁଖ ଏହି ପ୍ରବେଶ ଉତ୍ସବରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସରକାରୀ ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟା।ର ସମସ୍ତ ସୁବିଧା ସହ ଉନ୍ନତ ଜ୍ଞାନ କୌଶଳରେ ପାଠ ପଢାଯାଉଥିବା ବେଳେ ଏବେ ଉପସ୍ଥାନ ହାର ସହ ପିଲାଙ୍କ ସରକାରୀ ବିଦ୍ୟାଳୟ ପ୍ରତି ଆଗ୍ରହ ବଢୁଛି।

# ଅଲେଖ ନାହାକଣୀ ପୀଠରେ ବାରୁଣୀଯାତ୍ରା

### ସାମିଲ ହେଲେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ଓ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ



**ମହାକାଳପଡ଼ା,୬।୪(ସମିସ):** ମହାକାଳପଡ଼ା ବ୍ଲକ ଲାଞ୍ଜୁଡା ପଞ୍ଚାୟତର ନରସିଂହପୁର ଅଲେଖ ନାହାକଣୀ ପୀଠରେ ପୂଜାର୍ଚ୍ଚନା କରି ବଙ୍ଗୋପସାଗରରେ ଶନିବାର ଭୋରରୁ ହଜାର ହଜାର ଶ୍ରଦ୍ଧାଳୁ ବାରୁଣୀ ବୁଡ଼ ପକାଇଛନ୍ତି । ଏହି ଦିନ ବାରୁଣୀ ଘାଟରେ ସ୍ନାନ କରି ବୁଡ଼ ପକାଇଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ ଏବଂ ପୂଣ୍ୟ ମିଳିଥାଏ ବୋଲି ଜନମାନସରେ ବିଶ୍ୱାସ ରହିଛି । ତେଣୁ ମା ଅଲେଖ ନାହାକଣୀ ପୀଠ ନିକଟରୁ ବାହାରି ଜଙ୍ଗଲ ରାସ୍ତାରେ ସମୁଦ୍ର କୂଳକୁ ଯାଇ ଭୋରୁ ଭୋରୁ ହଜାର ହଜାର ଶ୍ରଦ୍ଧାଳୁ ସମୁଦ୍ରରେ ସ୍ନାନ କରିବା ପରେ ମା ଅଲେଖ ନାହାକଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ମହାକାଳପଡ଼ା ବ୍ଲକର ଲାଞ୍ଜୁଡା,ଗୋଗୁଆ,ବଡିହି,ସୁନୀତି,ଜମ୍ବୁ ଆଦି ପଞ୍ଚାୟତ ସମେତ ପଟ୍ଟାମୁଣ୍ଡାଇ ଏବଂ ରାଜନଗର ବ୍ଲକର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ । ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଏହି ବାରୁଣୀ ଯାତ୍ରାରେ ସାମିଲ ହେବା ସହିତ ଠାକୁରାଣୀଙ୍କ ଦର୍ଶନ କରିଥିଲେ । ଏଥି ପୂର୍ବରୁ ରାହାମାର ଦଧିବାମନ ଜୀଉ ମନ୍ଦିର ଯାଇ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ ।ସେଠାରୁ ସୁନୀତି ପଞ୍ଚାୟତର ଜଗରୀଯୋର ବଜାର ଶ୍ୟାମାକାଳୀ ମନ୍ଦିରରେ ଦର୍ଶନ କରିବା ସହିତ ଯଜ୍ଞରେ ସାମିଲ ହୋଇଥିଲେ । ଅଶୋକ ମହାପାତ୍ର, ଜିଲ୍ଲା ପରିଷଦସଦସ୍ୟ ଅପୁ ପରିଡା,ଉଦୟ ଦାସ, ଦେବଦତ୍ତ ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ନଳିନୀପ୍ରଭା ଚୌଧୁରୀ, ବିଜୟନଗର ସରପଞ୍ଚ ରୂପସ୍ୱିନୀ ସାହୁ, ଗୋଗୁଆ ସରପଞ୍ଚ ପ୍ରମୋଦ ଦାସ, ମନୋଜ ପାତ୍ର, ଦୈତାରୀ ବରାଳ, ଯୁଗଳ ଦାସ, ପ୍ରଶାନ୍ତ ପ୍ରଧାନ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ଛାତ୍ର ବିଜେଡି ନେତା ହେମନ୍ତ କୁମାର ସାହୁ, ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ଶହ ଶହ ବିଜେଡି କର୍ମୀ ପ୍ରାର୍ଥୀ ଦ୍ୱୟଙ୍କ ସହିତ ସାମିଲ ହୋଇଥିଲେ।

## ପଞ୍ଚୁପାଣ୍ଡବ ଓ ଖଲାରେଶ୍ୱରରେ ବାରୁଣୀ ସ୍ନାନ

**ଡେରାବିଶ,୬।୪(ସମିସ):** ଚଳିତ ବର୍ଷ ମହାଯୋଗ ବାରୁଣୀ ପଡ଼ିଥିବାରୁ ଆଜି ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ନିକଟରେ ବହିଯାଇଥିବା ଗୋବରୀ ନଦୀର ତୀର୍ଥ କୂଳରେ ହଜାର ହଜାର ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଛନ୍ତି। ଏଥିସହିତ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ତୀର୍ଥ କୂଳରୁ ମନ୍ଦିର ଯାଏ ରାସ୍ତାର ଉଭୟ ପାଶ୍ୱର୍ରେ ଭିକ୍ଷୁକଙ୍କ ଦ୍ୱାରା ପଡ଼ିଥିବା ଚାଦରରେ ଚାଉଳ, ବିରି, ମୁଗ, ସହ ଅର୍ଥ ପକାଇବା ଏକ ସ୍ୱତନ୍ତ୍ର ପରମ୍ପରା ଦେଖିବାକୁ ମିଳିଥିଲା। ବିଶ୍ୱାସ ରହିଛି ଆଜି ଦିନରେ ଶସ୍ୟ ଦାନ କଲେ ଘର ଧନଧାନ୍ୟରେ ପୂରଣ ହୋଇଥାଏ। ଏହି ବାରୁଣୀ ଯାତ୍ରା ସହ ମହାଭାରତ ସମୟର କଥାବସ୍ତୁ ଜଡ଼ିତ ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅବିଭକ୍ତ କଟକ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତିଙ୍କ ସୂଚନା ଅନୁଯାୟୀ ଦ୍ୱାପର ଯୁଗରେ ଅଜ୍ଞାତବାସ ସମୟରେ ପାଣ୍ଡବ ପାଞ୍ଚଭାଇ, ମାତା କୁନ୍ତି, ପତ୍ନୀ ଦ୍ରୌପଦୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ ଡେରାଡ଼ିହଠାରେ ଅବସ୍ଥାନ କରିଥିଲେ। ସେହି ସମୟରେ ଗୋବରୀ ନଦୀର ତୀର୍ଥ କୂଳରେ ବାରୁଣୀ ସ୍ନାନର ସମ୍ପର୍କ ଏହି କଥାବସ୍ତୁ ସହ ରହିଥିବା ନେଇ ସାଧାରଣ ଲୋକଙ୍କ ବିଶ୍ୱାସ ରହିଛି। ତେବେ ଡେରାଡିହ ଠାରେ ପାଣ୍ଡବ ପାଞ୍ଚଭାଇ, ମାତା କୁନ୍ତି, ପତ୍ନୀ ଦ୍ରୌପଦୀଙ୍କ ସମେତ ରାଧାକୃଷ୍ଣ ଓ ରାମେଶ୍ୱରଙ୍କ ମନ୍ଦିର ରହିଥିବାରୁ ଏହା ଏକ ଧର୍ମପୀଠରେ ପରିଣତ ହୋଇଛି। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ବାରୁଣୀ ଯାତ୍ରାରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଜ୍ୟୋତିରଞ୍ଜନ ସୁନ୍ଦରାୟ କହିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୁଲିସ୍ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଲୁଣାନଦୀର ଅର୍ଦ୍ଧାମୂଳଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱରଙ୍କ ମନ୍ଦିର ନିକଟରେ ନଦୀଘାଟରେ ବହୁ ଶ୍ରଦ୍ଧାଳୁ ଆଜି ବୁଡ଼ ପକାଇ ଖଲାରେଶ୍ୱର ଓ ମା' ଛିନ୍ନମସ୍ତାଙ୍କୁ ଦର୍ଶନ କରିଛନ୍ତି। ଏହି ଦିନରେ ଶ୍ରଦ୍ଧାଳୁମାନେ ସେମାନଙ୍କର ଶିଶୁସନ୍ତାନମାନଙ୍କର କେଶଦାନ କରିବା, ନିଜ ଘରେ ବିବାହ ବ୍ରତାଦିରେ ବ୍ୟବହାର କରିଥିବା ଶୁଭମୁକୁଟ, ପଉଡ଼ମଶିଣା ଆଦି ଏହି ଦିନରେ ଲୁଣା ନଦୀରେ ବିସର୍ଜନ କରିଥାନ୍ତି। ଏହି ଅବସରରେ ଖଲାରେଶ୍ୱର ପୀଠରେ ନାମଯଜ୍ଞର ଆୟୋଜନ କରାଯାଇଛି। ବହୁ ଜନସମାଗମ ହେତୁ ଏଠାରେ ଜଳଖିଆ ଓ ଅନ୍ୟାନ୍ୟ ମନୋହରୀ ଦୋକାନ ଖୋଲିଥିବା ଦେଖାଯାଇଛି।

